ଘୋର ଦୁର୍ଦ୍ଦଶାରେ ଦିନ ବିତାଉଛନ୍ତି ଫନି ପ୍ରଭାବିତ

ତୁରନ୍ତ ସାହାଯ୍ୟର ହାତ ବଢାଇବା ପାଇଁ ସମସ୍ତ ଏନଜିଓଙ୍କୁ ଲିଭିଂ ହ୍ୟୁମାନିଟିର ନିବେଦନ

ଭୁବନେଶ୍ୱର, ୧୦/୫(ଶ୍ରୁ.ମି.) : ସାମୁଦ୍ରିକ ଝଡବାତ୍ୟା ଫନି ଓଡିଶାରେ ବିଶେଷ କରି ପୁରୀରେ ଗତ ୩ ତାରିଖରେ ଯେଉଁ ତାଣ୍ଡବଲୀଳା ରଚିଥିଲା ସେଥିରେ ସାଧାରଣ ଜନଜୀବନ ବିପନ୍ନ ହୋଇପଡିଛି। ରାସ୍ତାଘାଟ, ଯୋଗାଯୋଗ, ପ୍ରାଥମିକ ଚିକିତ୍ସା ସେବା ଓ ସାମାନ୍ୟ ମୌଳିକ ଆବଶ୍ୟକତା ପାଇଁ ଲୋକମାନେ କିଭଳି ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ତାହା ଜଣେ ପୁରୀ ନଗଲେ ଅଙ୍ଗେ ନିଭାଇପାରିବ ନାହିଁ। ଲିଭିଂ ହ୍ୟୁମାନିଟି ପୁରୀ ସହରରେ ପେଣ୍ଠକଟା ଅଞ୍ଚଳକୁ ଯୋଗାଯୋଗର ସମସ୍ତ ପ୍ରତିବନ୍ଧକ ସତ୍ତ୍ୱେ ପରିଦର୍ଶନ କରି ସେଠାକାର ବାତ୍ୟା ପିଡୀତଙ୍କୁ ରିଲିଫ ସାମଗ୍ରୀ ବଣ୍ଟନ କରି ମୌଳିକ ସାହାଯ୍ୟ ଯୋଗାଇବା ସହ ବିଶ୍ୱସମୁଦାୟକୁ ବିଶେଷ କରି ଏନଜିଓମାନଙ୍କୁ ପୁରୀ ଓ ଓଡିଶାର ଫନି ପ୍ରଭାବିତ ଅଞ୍ଚଳବାସୀମାନଙ୍କୁ ସାହାଯ୍ୟର ହାତ ବଢାଇବା ପାଇଁ ଅନୁରୋଧ କରିଛି। ଏହି ଅନୁଷ୍ଠାନର ସଦସ୍ୟମାନେ ନିଜର ଯଥାସାଧ ଉଦ୍ୟମରେ ପ୍ରଭାବିତ ଲୋକଙ୍କ ମୁହଁରେ ହସଫୁଟାଇବା ପାଇଁ ଯତ୍‌ପରୋନାସ୍ତି ଉଦ୍ୟମ କରିଥିଲେ। ଯୁବବର୍ଗମାନଙ୍କୁ ନେଇ ଏହି ଅନୁଷ୍ଠାନ ଏଭଳି ମହତ କାର୍ଯ୍ୟ ଦ୍ୱାରା ଏକ ନିଆରା ଉଦାହରଣ ସୃଷ୍ଟି କରିଛି।

ପେଟ୍ରୋଲିୟମ କମ୍ପାନୀର ବରିଷ୍ଠ ଅଧିକାରୀଙ୍କୁ ନେଇ କେନ୍ଦ୍ରମନ୍ତ୍ରୀଙ୍କ ସମୀକ୍ଷା

୭ ଦିନ ମଧ୍ୟରେ ସବୁ ପେଟ୍ରୋଲପମ୍ପ ଶତପ୍ରତିଶତ ସଚଳ ହୋଇଛି : ଧର୍ମେନ୍ଦ୍ର

ପୁରୀ, ଖୋର୍ଦ୍ଧା ଓ କଟକରେ ଥିବା ୨୩୪ଟି ପେଟ୍ରୋଲପମ୍ପ ମଧ୍ୟରୁ ୨୩୨ ଟି ପେଟ୍ରୋଲପମ୍ପ କାମ ଆରମ୍ଭ କରିଛି

ଫୋନି ପ୍ରଭାବିତ ଜିଲ୍ଲା ମାନଙ୍କରେ ପ୍ରର୍ଯ୍ୟାପ୍ତ ପରିମାଣର ଏଲପିଜି ମହଜୁଦ ଅଛି

ରିଲିଫ କାମରେ ସହାୟତା ପାଇଁ ପ୍ରର୍ଯ୍ୟାପ୍ତ ପରିମାଣର କିରୋସିନି ରହିଛି

ଭୁବନେଶ୍ୱର, ୧୦/୫(ଶ୍ରୁ.ମି.) : ପୁରୀ, ଖୋର୍ଦ୍ଧା ଓ କଟକରେ ଥିବା ୨୩୪ଟି ପେଟ୍ରୋଲପମ୍ପ ମଧ୍ୟରୁ ୨୩୨ ଟି ପେଟ୍ରୋଲପମ୍ପ କାମ ଆରମ୍ଭ କରିଛି। ଆସନ୍ତାକାଲି ଆଉ ଦୁଇଟି ପେଟ୍ରୋଲପମ୍ପ କାମ ଆରମ୍ଭ କରିବ ବୋଲି କହିଛନ୍ତି କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଆଜି କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ପେଟ୍ରୋଲିୟମ କମ୍ପାନୀର ବରିଷ୍ଠ ଅଧିକାରୀଙ୍କୁ ନେଇ ସ୍ଥିତିର ସମୀକ୍ଷା କରିବା ପରେ ଗଣମାଧ୍ୟମ ପ୍ରତିନିଧିଙ୍କୁ ସୂଚନା ଦେଇ କହିଛନ୍ତି ଯେ, ଫୋନି ବାତ୍ୟାରେ ଏହି ଜିଲ୍ଲାମାନଙ୍କରେ ପେଟ୍ରୋଲପମ୍ପ ଗୁଡିକ ବିଶେଷ ଭାବେ ପ୍ରଭାବିତ ହୋଇଥିଲା। ତେବେ ୭ ଦିନ ମଧ୍ୟରେ ସବୁ ପେଟ୍ରୋଲପମ୍ପ ଶତପ୍ରତିଶତ ସଚଳ ହୋଇଛି । ଶ୍ରୀ ପ୍ରଧାନ କହିଛନ୍ତି ଯେ, ବାତ୍ୟା ପ୍ରଭାବିତ ଜିଲ୍ଲାମାନଙ୍କର ସରକାରୀ ଅଫିସ, ବ୍ୟାଙ୍କ ଓ ଟେଲିକମ୍ ସଂସ୍ଥା ମାନଙ୍କ ପକ୍ଷରୁ ଲଗାଯାଇଥିବା ଜେନେସଟ ଓ ଡିଜି ପାଇଁ ପେଟ୍ରୋଲିୟମ କମ୍ପାନୀ ମାନଙ୍କ ପକ୍ଷରୁ ୮ଟି ଭ୍ରାମ୍ୟମାଣ ଡିଜେଲ ଟ୍ୟାଙ୍କର ବ୍ୟବସ୍ଥା ହୋଇଛି। ଶ୍ରୀ ପ୍ରଧାନ ଆହୁରି କହିଛନ୍ତି ଯେ, ପୁରୀରେ ପ୍ରତିଦିନ ୩ ଲକ୍ଷ ଲିଟର ପେଟ୍ରୋଲ ଓ ଡିଜେଲ ବିକ୍ରୀ ହେଉଥିବା ବେଳେ ଆଜି ତାରିଖରେ ବିକ୍ରୀ ସେ ସଂଖ୍ୟା ଛୁଇଁଲାଣି । ମୋଟ ଉପରେ ଏହି ୩ ସ୍ଥାନରେ ରହିଥିବା ୨୩୪ ଟି ପେଟ୍ରୋଲିୟମ ଟାଙ୍କି ମଧ୍ୟରୁ ୨୦୦ କ୍ଷତିଗ୍ରସ୍ତ ହୋଇଥିବା ବେଳେ ଏହାର ସମସ୍ତ କାମ ବର୍ଷାଦିନ ସୁଦ୍ଧା ଶେଷ ହେବ। ଶ୍ରୀ ପ୍ରଧାନ କହିଛନ୍ତି ଯେ, ବାତ୍ୟା ପ୍ରଭାବିତ ଏହି ଜିଲ୍ଲା ମାନଙ୍କରେ ପ୍ରର୍ଯ୍ୟାପ୍ତ ପରିମାଣର ଏଲପିଜି ମହଜୁଦ ଅଛି। ପୁରୀ ଜିଲ୍ଲାର ୩୪, ଖୋର୍ଧାର ୬୯ ଓ କଟକର ୫୯ ଡିଷ୍ଟ୍ରିବୁଟର ସମସ୍ତେ କାର୍ଯ୍ୟକ୍ଷମ ଅଛନ୍ତି । ପୁରୀରେ ପ୍ରତିଦିନ ୪୦୦୦ ସିଲିଣ୍ଡର ଗ୍ରାହକ ମାନେ ନେଉଥିବା ବେଳେ ଏହି ସଂଖ୍ୟା ଗତକାଲି ୫୭୦୦ ରେ ପହଁଞ୍ଚିଛି । ସେହିପରି ଖୋର୍ଦ୍ଧାରେ ୧୩୦୦୦ରୁ ଏହି ସଂଖ୍ୟା ୧୬୦୦୦ରେ ପହଞ୍ଚିଥିବା ବେଳେ କଟକରେ ୯୩୦୦ ରୁ ବିକ୍ରୀ ସଂଖ୍ୟା ୧୧,୧୦୦ରେ ପହଞ୍ଚିଛି । ରିଲିଫ କାମରେ ସହାୟତା ପାଇଁ ପ୍ରର୍ଯ୍ୟାପ୍ତ ପରିମାଣର କିରୋସିନି ରହିଛି। ଆଇଓସିଏଲ ପକ୍ଷରୁ ଶ୍ରୀମନ୍ଦିରରେ ବାତ୍ୟା କ୍ଷତିଗ୍ରସ୍ତର ମରାମତି ପାଇଁ ମନ୍ଦିର ପ୍ରଶାସନକୁ ୫ କୋଟିଟଙ୍କାର ଚେକ୍ ପ୍ରଦାନ କରିଥିବା ସହ ୭ ଦିନ ଧରି ପେଟ୍ରୋଲିୟମ କମ୍ପାନୀର ସମସ୍ତ ସହଯୋଗ ପାଇଁ କେନ୍ଦ୍ରମନ୍ତ୍ରୀ ଆଇଓସିଏଲକୁ ଧନ୍ୟବାଦ ଦେଇଛନ୍ତି ।

ଆରଏସପି ଏବଂ ସ୍ଥାନୀୟ ଉଦ୍ୟୋଗ ପ୍ରଗତିର ପଥରେ ସହଯାତ୍ରୀ ଅଟନ୍ତି : ସିଇଓ

ରାଉରକେଲା, ୧୦/୫(ଶ୍ରୁ.ମି.) : ରାଉରକେଲା ଇସ୍ପାତ କାରଖାନା ଏବଂ ସ୍ଥାନୀୟ ଉଦ୍ୟୋଗ ପ୍ରଗତିର ଯାତ୍ରାରେ ସହଯାତ୍ରୀ ଅଟନ୍ତି, ବୋଲି ଆରଏସପିର ସିଇଓ, ଶ୍ରୀ ଦୀପକ ଚଟ୍ଟରାଜ ମଇ ୯ ତାରିଖରେ ରାଉରକେଲା ଚାମ୍ବର ଅଫ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ଆରସିସିଆଇ)ର ସଦସ୍ୟମାନଙ୍କ ସହିତ ମତବିନିମୟ ଅବସରରେ ଉଲ୍ଲେଖ କରିଛନ୍ତି। ଏହି ଅବସରରେ କାର୍ମିକ ଓ ପ୍ରଶାସନ ବିଭାଗର ଇଡ଼ି, ଶ୍ରୀ ରାଜ ବୀର ସିଂହ, ସାମଗ୍ରୀ ପରିଚାଳନା ବିଭାଗର ଜିଏମ, ଶ୍ରୀ ଏନ କେ ସାମନ୍ତରାୟ, ସାମଗ୍ରୀ ପରିଚାଳନା, ଷ୍ଟୋର୍ସ ଓ ମାର୍କେଟିଙ୍ଗ ବିଭାଗର ଜିଏମ, ଶ୍ରୀ ଆର କେ ଦାନି ତଥା ଆରଏସପିର ଅନ୍ୟ ବରିଷ୍ଠ ଅଧିକାରୀ ଏବଂ ଆରସିସିଆଇର ସଦସ୍ୟମାନେ ଉପସ୍ଥିତ ଥିଲେ। ଏହି ଅଞ୍ଚଳର ସାମଗ୍ରିକ ବିକାଶ ଉପରେ ଆରଏସପିର ପ୍ରତିବଦ୍ଧତାକୁ ଦୋହରାଇ ସିଇଓ କହିଥିଲେ ଯେ, ସମସ୍ତ ପଣଧାରୀଙ୍କ ବିକାଶ ଉପରେ ଆରଏସପି ବିଶ୍ୱାସ କରେ। ଯଦି କାରଖାନାର ଅଭିବୃଦ୍ଧିର ସମତାଳରେ ପାରିପାର୍ଶ୍ୱିକ ଶିଳ୍ପଗୁଡିକ ସମୃଦ୍ଧି ହାସଲ ନକରନ୍ତି, ତେବେ ଆରଏସପିର ଧ୍ୟେୟ ପରିପୂର୍ଣ୍ଣ ହେବନାହିଁ। ଜାତୀୟ ଇସ୍ପାତ ନୀତି ଅନୁଯାୟୀ ଆରଏସପିର ଭବିଷ୍ୟତ ଯୋଜନା ଗୁଡିକ ସମ୍ପର୍କରେ ଉଲ୍ଲେଖ କରି ଶ୍ରୀ ଚଟ୍ଟରାଜ ସେଗୁଡିକ ସଫଳତା ସହକାରେ ସଂପୂର୍ଣ୍ଣ କରିବା ନିମନ୍ତେ ଆରସିସିଆଇ ଓ ଆରଏସପି ମଧ୍ୟରେ ପାରସ୍ପରିକ ସହଯୋଗ ଉପରେ ଗୁରୁତ୍ୱାରୋପ କରିଥିଲେ। ଅଧିକ କାର୍ଯ୍ୟନିପୁଣ ହେବା ନିମନ୍ତେ ସିଇଓ ଆରସିସିଆଇକୁ ଡିଜିଟାଲ ପ୍ରଣାଳୀ ଓ ନୂତନ ପଦ୍ଧତି ଯଥା ସପ୍ଲାଇ ରିଲେସନ ମେନେଜମେଣ୍ଟଗୁଡିକ ଆପଣେଇବା ପାଇଁ ଆହ୍ୱାନ ଜଣାଇଥିଲେ। ଆରସିସିଆଇର ପୂର୍ବତନ ଅଧକ୍ଷ, ଶ୍ରୀ ମହେଶ ଓ୍ୱାଜିର ଆରସିସିଆଇ ଆରଏସପି ନିକଟରୁ ଆଶା କରୁଥିବା ସହଯୋଗ ସମ୍ପର୍କରେ ଉଲ୍ଲେଖ କରିଥିଲେ। ଏହି ଅବସରରେ ଶ୍ରୀ ଚଟ୍ଟରାଜଙ୍କୁ ଆରସିସିଆଇ ସମ୍ବର୍ଦ୍ଧିତ କରିଥିଲା। ପ୍ରାରମ୍ଭରେ ଆରସିସିଆଇର ସଭାପତି, ଶ୍ରୀ ସୁବ୍ରତ ପଟ୍ଟନାୟକ ସ୍ୱଗତ ଅଭିଭାଷଣ ପ୍ରଦାନ କରିଥିଲେ। ସଂସ୍ଥାର ସାଧାରଣ ସମ୍ପାଦକ, ଶ୍ରୀ ଆଲୋକ ଏମ ଲୋଶଲ୍କା ଅତିଥି ପରିଚୟ ପ୍ରଦାନ କରିଥିବାବେଳେ ଉପସଭାପତି ଶ୍ରୀ ଲଳିତ ଗୁରୁଓ୍ୱାରା ଧନ୍ୟବାଦ ଜ୍ଞାପନ କରିଥିଲେ। ଆରସିସିଆଇ ଉପସଭାପତି, ଶ୍ରୀ ପ୍ରବୀଣ ଗର୍ଗ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ସିଆଇଆଇ ବାତ୍ୟା ପରିଚାଳନା କମିଟିର ଅଧ୍ୟକ୍ଷ ହେଲେ ନାଲ୍‌କୋ ଅଧ୍ୟକ୍ଷ

ଭୁବନେଶ୍ୱର, ୧୦/୦୫(ଶ୍ରୁ.ମି.) : ମଇ ୩ ତାରିଖରେ ବାତ୍ୟା ଫୋନୀ ଦ୍ୱାରା ଓଡ଼ିଶାର ଅନେକ ଜିଲ୍ଲାରେ ବ୍ୟାପକ କ୍ଷୟକ୍ଷତି ସାଧିତ ହୋଇଥିଲା। ଅନେକ ସମ୍ପି କ୍ଷୟ ହେବା ସହ ଅନେକ ଜନସାଧାରଣ ପ୍ରଭାବିତ ହୋଇଛନ୍ତି। ଏପରି ସ୍ଥିତିରେ ଅନେକ ଶିକ୍ଷାସଂସ୍ଥା ଓ ଅନୁଷ୍ଠାନ ସହାୟତା ଓ ଥଇଥାନ ପାଇଁ ଆଗେଇ ଆସିଥିବା ବେଳେ କନ୍‌ଫେଡେରେସନ୍ ଅଫ୍ ଇଣ୍ଡିଆନ୍ ଇଣ୍ଡଷ୍ଟ୍ରିଜ୍ (ସିଆଇଆଇ) ପକ୍ଷରୁ ଏକ ବାତ୍ୟା ପରିଚାଳନା କମିଟି ଗଠିତ ହୋଇଛି। ସିଆଇଆଇର ସାଧାରଣ ସମ୍ପାଦକ ଏକ ପତ୍ର ମାଧ୍ୟମରେ ନବରନ୍ ନାଲ୍‌କୋର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ ଡଃ ତପନ କୁମାର ଚାନ୍ଦଙ୍କୁ ଏହି ବାତ୍ୟା ପରିଚାଳନା କମିଟିର ଅଧ୍ୟକ୍ଷତା କରିବା ପାଇଁ ଅନୁରୋଧ କରିଛନ୍ତି। ଡଃ ଚାନ୍ଦଙ୍କ ସହ ସିଆଇଆଇ (ପୂର୍ବାଞ୍ଚଳ)ର ଆଡ୍‌ମିରାଲ୍ ଶ୍ରୀ ଏ.କେ. ବର୍ମା ମଧ ଏହି ବାତ୍ୟା ପରିଚାଳନା କମିଟିରେ କାର୍ଯ୍ୟ କରିବେ। ଏହି ବାତ୍ୟା ପରିଚାଳନା କମିଟିର ଅଧ୍ୟକ୍ଷ ତଥା ଆଲୁମିନିୟମ୍ ଆସୋସିଏସନ୍ ଅଫ୍ ଇଣ୍ଡିଆର ଅଧ୍ୟକ୍ଷ ଭାବେ ଡଃ ତପନ କୁମାର ଚାନ୍ଦ ସମସ୍ତ ଶିକ୍ଷାନୁଷ୍ଠାନ ତଥା ଅନ୍ୟାନ୍ୟ ସଂସ୍ଥାମାନଙ୍କୁ ବାତ୍ୟା ପରବର୍ତ୍ତୀ ରିଲିଫ୍ ଓ ଥଇଥାନ କାର୍ଯ୍ୟରେ ସହାୟତା କରିବା ପାଇଁ ଅନୁରୋଧ କରିଛନ୍ତି। ଷ୍ଟିଅରିଂ କମିଟିର ଏକ ବୈଠକ ମଇ ୧୧ ତାରିଖରେ ନାଲ୍‌କୋ ଭବନ ପରିସରରେ ଅନୁଷ୍ଠିତ ହେବ। ଏହି ବୈଠକରେ ଶିକ୍ଷାନୁଷ୍ଠାନର ପ୍ରତିନିଧିମାନଙ୍କୁ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ନବରନ୍ କମ୍ପାନୀ ନାଲ୍‌କୋ ପକ୍ଷରୁ ଅଧ୍ୟକ୍ଷ ଡଃ ଚାନ୍ଦଙ୍କ ଦିଗ୍‌ଦର୍ଶନରେ ବ୍ୟାପକ ରିଲିଫ୍ କାର୍ଯ୍ୟ ଜାରୀ ଅଛି।

ପୀଡିତଙ୍କ ସହାୟତାରେ ଦେଢ ହଜାରରୁ ଉର୍ଦ୍ଧ୍ୱ ସ୍ୱୟଂସେବକ

ଆରଏସ୍‌ଏସ୍, ୟୁବିଏସ୍‌ଏସ୍ ଓ ସେବା ଭାରତୀ ସଂଯୋଜନାରେ ଚାଲିଛି ସେବାକାର୍ଯ୍ୟ

ଭୁବନେଶ୍ୱର,୧୦/୫(ଶ୍ରୁ.ମି.) : ସାମୁଦ୍ରିକ ଝଡ ଫଣି ଦ୍ୱାରା କ୍ଷତିଗ୍ରସ୍ତ ହୋଇଥିବା ଅଞ୍ଚଳରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ସଂଯୋଜନାରେ ରାଷ୍ଟ୍ରୀୟ ସେବାଭାରତୀ ସହଯୋଗରେ ଓ ଉତ୍କଳ ବିପନ୍ନ ସହାୟତା ସମିତି ଦ୍ୱାରା ବିଭିନ୍ନ ପ୍ରକାର ସେବାକାର୍ଯ୍ୟ ଅନୁଷ୍ଠିତ ହେଉଅଛି। ଦେଢ ହଜାରରୁ ଉର୍ଦ୍ଧ୍ୱ ସ୍ୱୟଂସେବକଙ୍କ ଦ୍ୱାରା ରାସ୍ତାଘାଟ ସଫାକରିବା ସହିତ ରନ୍ଧା ଖାଦ୍ୟ, ଶୁଖିଲାଖାଦ୍ୟ, ଚୂଡା, ଗୁଡ, ମହମବତୀ, ଦିଆସିଲି, ବୋତଲ ପାଣି, ତାରପୋଲିନ୍, ଔଷଧ ଆଦି ଯୋଗାଇ ଦିଆଯାଉଛି । ଆଜି ସୁଦ୍ଧା ୨୬୮ ଗ୍ରାମରେ ୧୬୪୦୭୬ଜଣ ଉପକୃତ ହୋଇଥିବା ବେଳେ ୩୧,୨୧୩ ଜଣଙ୍କୁ ରନ୍ଧାଖାଦ୍ୟ, ୬୫୦୦ ଶୁଖିଲା ଖାଦ୍ୟ, ୩୩ କାର୍ଟୁନ ଦିଆସିଲି, ୩୦୦କୁଇଣ୍ଟାଲ, ୫୦ କୁଇଣ୍ଟାଲ ଗୁଡ, ଲକ୍ଷାଧିକ ବୋତଲ ,ପାଉଚ ପାଣି, ୧୫୦ କାର୍ଟୁନ ବିସ୍କୁଟ, ୯୦୦ ଶାଢୀ, ୧୫୦ କାର୍ଟୁନ ମହମବତୀ, ୭୦୦ ଲୋକଙ୍କୁ ଔଷଧ, ୩୯,୦୦୦ ତାରପୋଲିନ ଓ ପଲିଥିନ୍ ବଣ୍ଟନ କରାଯାଇଛି । ୧୫୬୯ ଜଣ ସ୍ୱୟଂସେବକ ଏହି ସେବାକାମରେ ଲାଗିଛନ୍ତି ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ସହ-ସରକାର୍ଯ୍ୟବାହ ଶ୍ରୀ ଭି.ଭାଗେୟାଜୀ ପ୍ରକାଶ କରିଛନ୍ତି । ସ୍ୱୟଂସେବକମାନଙ୍କ ଦ୍ୱାରା ପୁରୀ ଜିଲ୍ଲାର ଘୋଡାବଜାର,ବ୍ରହ୍ମଗିରି, ବଳଙ୍ଗା, କୋଣାର୍କ, ଖେଲାର, କଣାସ, ଦାଣ୍ଡମୁକୁନ୍ଦପୁର, ନିମାପଡା,ବାଲିପାଟଣା, ଖୋର୍ଦ୍ଧା ଜିଲ୍ଲାର ସୋରଣ, ଜଟଣୀ, ଭୁବନେଶ୍ୱରର ୟୁନିଟ-୩, କଟକ ଜିଲ୍ଲାର ମହାନଦୀ ବିହାର ଓ ଓଲଟପୁର ଠାରେ ସହାୟତା କେନ୍ଦ୍ର କାର୍ଯ୍ୟ କରୁଅଛି। ମୁଖ୍ୟ କେନ୍ଦ୍ର ଉତ୍କଳ ବିପନ୍ନ ସହାୟତା ସମିତିକୁ ବିଭିନ୍ନ ଅଂଚଳରୁ ଆସୁଥିବା ସାହାଯ୍ୟ ଗୁଡିକ ଉପରୋକ୍ତ କେନ୍ଦ୍ରମାନଙ୍କରେ ପହଞ୍ଚାଇ ଦେବା ପାଇଁ ବ୍ୟବସ୍ଥା କରାଯାଇଛି । ବ୍ରହ୍ମଗିରିର ବରକୁଦି, ଦାଣ୍ଡମୁକୁନ୍ଦପୁର, ବନ୍ତଳସିଂ, ଅରିସୋଲ ଆଦି ଗ୍ରାମରେ ପ୍ରଥମେ ସଂଘର ସ୍ୱୟଂସେବକମାନେ ସେଠାରେ ପହଞ୍ଚି ସେବାକାମ କରୁଛନ୍ତି । ପୁରୀର ପେଣ୍ଠକଟାର ଲୋକମାନେ ରାସ୍ତା ଉପରେ ରାତ୍ରୀ ଯାପନ କରୁଥିବା ସମୟରେ ଅନେକ ଲୋକ ବିଭିନ୍ନ ରୋଗରେ ଆକ୍ରାନ୍ତ ହୋଇଛନ୍ତି । ସେମାନଙ୍କ ପାଖରେ ମଧ ସଂଘ ତରଫରୁ ଡାକ୍ତରୀ ଟିମ୍ ସେହି ଅଞ୍ଚଳରେ ପହଞ୍ଚି ସେମାନଙ୍କର ସେବା ଶୁଶ୍ରୂସା କରିଛନ୍ତି ଏବଂ ବିଭିନ୍ନ ପ୍ରକାର ସାହାଯ୍ୟ ସହଯୋଗ ଯୋଗାଇ ଦେଇଛନ୍ତି । ଆମ ଦ୍ୱାରା କରାଯାଉଥିବା ଏହି ସେବାକାମରେ ସହଯୋଗ କରିବା ପାଇଁ ସମସ୍ତଙ୍କୁ ଆହ୍ୱାନ କରାଯାଉଛି । ବାତ୍ୟା ପୀଡିତମାନଙ୍କର ସେବା ସହାୟତା ପାଇଁ ଜନସାଧାରଣ ତଥା ବିଭିନ୍ନ କରପୋରେଟ ହାଉସମାନଙ୍କୁ ଉତ୍କଳ ବିପନ୍ନ ସହାୟତା ସମିତିର ମଞ୍ଚେଶ୍ୱର ସ୍ଥିତ ଆକ୍ସିସ ବ୍ୟାଙ୍କର ସଂଖ୍ୟା । ୦୨୪୦୧୦୧୦୦୦୪୩୯୮୨, ଓଉ୍ଝଉ ଉକ୍ଟ ୟର : ଟଞ୍ଜଓଇ୦୦୦୧୯୭୩, ଗଓଉଜ ଉକ୍ଟୟର: ୭୫୧୨୧୧୦୧୨ ରାଶି ପଠାଇବାକୁ ଅନୁରୋଧ । ଯଦି କୌଣସି ସହୃଦୟ ବ୍ୟକ୍ତି ବା କୌଣସି ସଂସ୍ଥା ବିଭିନ୍ନ ଦରକାରୀ ଜିନିଷ ଦେବାକୁ ଚାହାଁନ୍ତି ସେମାନେ ମଞ୍ଚେଶ୍ୱର ସ୍ଥିତ ସମିତିର ମୁଖ୍ୟ କାର୍ଯ୍ୟାଳୟ,ପ୍ଲଟ-୪୧, ସେକ୍ଟବର-ଏ, ଜୋନ-ଡି, ଭୁବନେଶ୍ୱର-୧୦ ଠାରେ ଜମା କରିପାରିବେ । ଏହି ସାମ୍ବାଦିକ ସମ୍ମିଳନୀରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ,ଓଡିଶା ପୂର୍ବର ପ୍ରାନ୍ତ ସଂଘଚାଳକ ଶ୍ରୀ ସମୀର କୁମାର ମହାନ୍ତି, ଉତ୍କଳ ବିପନ୍ନ ସହାୟତା ସମିତିର ସଭାପତି ଶ୍ରୀ ଅଭୟ ସାମନ୍ତରାୟ, ପ୍ରାନ୍ତ ପ୍ରଚାର ପ୍ରମୁଖ ଶ୍ରୀ ରବି ନାରାୟଣ ପଣ୍ଡା ଉପସ୍ଥିତ ଥିଲେ।

ଭଞ୍ଜ କଳା କେନ୍ଦ୍ର ଆନୁକୁଲ୍ୟରେ ପାଳନ ହେବ ଶ୍ରୀ ଜୟଦେବ ଜୟନ୍ତୀ

ରାଉରକେଲା, ୧୦/୫(ଶ୍ରୁ.ମି.) : ଓଡିଶାର ମହାନ କବି ତଥା ଗୀତ ଗୋବିନ୍ଦର ରଚୟିତା ଶ୍ରୀ ଜୟଦେବଙ୍କର ଜୟନ୍ତୀ ଉତ୍ସବ ଓଡିଶାର ଅନ୍ୟତମ ଅଗ୍ରଣୀ ସାମାଜିକ ସାଂସ୍କୃତିକ ଅନୁଷ୍ଠାନ, ଭଞ୍ଜ କଳା କେନ୍ଦ୍ର ଆନୁକୂଲ୍ୟରେ ଭଞ୍ଜ ଭବନ ପ୍ରେକ୍ଷାଳୟ ଠାରେ ମଇ ୧୨ ତାରିଖରେ ପାଳିତ ହେବ। ଶ୍ରୀ ଜୟଦେବଙ୍କର ଜୟନ୍ତୀ ପାଳନ ଅବସରରେ ଉକ୍ତ ଦିନ ସନ୍ଧ୍ୟାରେ ଏକ ଚିତ୍ତାକର୍ଷକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ଏଥିରେ ସୁମଧୁର ଗୀତ ଗୋବିନ୍ଦ ସଙ୍ଗୀତ ଓ ଓଡିଶୀ ନୃତ୍ୟ ପରିବେଷିତ ହେବ। ମହାନଦୀ କୋଲ ଫିଲ୍ଡସ ଲିମିଟେଡର କାର୍ମିକ ବିଭାଗର ନିର୍ଦ୍ଦେଶକ, ଶ୍ରୀ ଲିଳା ନନ୍ଦ ମିଶ୍ର ଉତ୍ସବରେ ମୁଖ୍ୟ ଅତିଥି ରୂପେ ଯୋଗଦେଇ ଜୟନ୍ତୀ ସମାରୋହର ଶୁଭ ଉଦଘାଟନ କରିବେ। ଉତ୍ସବରେ ବିଶିଷ୍ଟ ଓଡିଶୀ ସଙ୍ଗୀତ ସୁରକାର ଗୁରୁ ଡକ୍ଟର ରାମହରି ଦାସ, ଗୁରୁ ଶ୍ରୀମତୀ ବୀଣାପାଣି ରଥ ଏବଂ ଶ୍ରୀମତୀ ବାସବଦତ୍ତା ମହାନ୍ତି ସୁମଧୁର ଗୀତଗୋବିନ୍ଦ ଅଷ୍ଟପଦୀ ସଙ୍ଗୀତ ପରିବେଷଣ କରିବେ। ଭଞ୍ଜ କଳା କେନ୍ଦ୍ରର ପ୍ରତିଭାସମ୍ପନ୍ନ କଳାକାରମାନେ ଉତ୍ସବରେ ଗୀତ ଗୋବିନ୍ଦର ସଙ୍ଗୀତ ବୃନ୍ଦ ଗାୟନରେ ମଧ ପରିବେଷଣ କରିବେ। ପରେପରେ ଭୁବନେଶ୍ୱରର ବିଶିଷ୍ଟ ଓଡିଶୀ ନୃତ୍ୟଗୁରୁ ଶ୍ରୀ ନୀଳାଦ୍ରି ମହାନ୍ତିଙ୍କ ନିର୍ଦ୍ଦେଶନାରେ ଅନୁଷ୍ଠାନର କଳାକାରମାନେ ଚିତ୍ତାକର୍ଷକ ଓଡିଶୀ ନୃତ୍ୟ ପ୍ରଦର୍ଶନ କରିବେ। ଉକ୍ତ ଉତ୍ସବରେ ବହୁ ସଂଖ୍ୟାରେ ଇସ୍ପାତ ସହରବାସୀ ଯୋଗଦେଇ ଶ୍ରୀ ଜୟଦେବଙ୍କୁ ଶ୍ରଦ୍ଧାସୁମନ ଅର୍ପଣ କରିବା ସହିତ କାର୍ଯ୍ୟକ୍ରମକୁ ସଫଳ କରିବା ନିମନ୍ତେ ଭଞ୍ଜ କଳା କେନ୍ଦ୍ରର ସାଧାରଣ ସମ୍ପାଦକ, ଶ୍ରୀ ରାଧାକୃଷ୍ଣ ମହାପାତ୍ର ଅନୁରୋଧ କରିଛନ୍ତି। ଉଲ୍ଲେଖନୀୟ ଯେ, ଚଳିତ ବର୍ଷ ପ୍ରଳୟଙ୍କରୀ ବାତ୍ୟା ଫୋନି ର ପ୍ରଭାବ ଯୋଗୁଁ ପୂର୍ବାହ୍ନ ଆଲୋଚନା ଚକ୍ର କାର୍ଯ୍ୟକ୍ରମର ସମ୍ମାନନୀୟ ବକ୍ତା ଉତ୍ସବରେ ଯୋଗଦାନ ନିମନ୍ତେ ଅସମର୍ଥତା ପ୍ରକାଶ କରିବା ପରିପ୍ରେକ୍ଷୀରେ ପୂର୍ବାହ୍ନରେ ପୂର୍ବରୁ ନିର୍ଦ୍ଧାରିତ ଶ୍ରୀ ଜୟଦେବଙ୍କ ସ୍ତୁତି ଆଲୋଚନା କାର୍ଯ୍ୟକ୍ରମକୁ ବାତିଲ କରାଯାଇଛି ଛ ଏଥିବଦଳରେ ପୂର୍ବାହ୍ନର କାର୍ଯ୍ୟକ୍ରମ ବାବଦ ଖର୍ଚ୍ଚକୁ ବାତ୍ୟା ପୀଡିତଙ୍କ ସହାୟତା ନିମନ୍ତେ ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିକୁ ପ୍ରଦାନ ନିମନ୍ତେ ଭଞ୍ଜ କଳା କେନ୍ଦ୍ର ନିଷ୍ପତ୍ତି ନେଇଛି। ପ୍ରକାଶଯୋଗ୍ୟ ଯେ, ଭଞ୍ଜ କଳା କେନ୍ଦ୍ର ଓଡିଶାର କଳା, ସଂସ୍କୃତିର ଅନ୍ୟତମ ପ୍ରାଣକେନ୍ଦ୍ର ରୂପେ ନିଜର ଏକ ସ୍ୱତନ୍ତ୍ର ପରିଚୟ ବହନ କରୁଛି। ଏହି ଅନୁଷ୍ଠାନରେ ସମ୍ପ୍ରତି ଶତାଧିକ ଛାତ୍ରଛାତ୍ରୀ ଶାସ୍ତ୍ରୀୟ ସଙ୍ଗୀତ, ଶାସ୍ତ୍ରୀୟ ନୃତ୍ୟ, ଲୋକ ନୃତ୍ୟ ସଙ୍ଗୀତ, ବାଦ୍ୟଯନ୍ତ୍ର ଓ ଚିତ୍ରକଳାରେ ସାଧନାରତ ଅଟନ୍ତି। ଓଡିଶୀ ସଙ୍ଗୀତ, ଓଡିଶୀ ନୃତ୍ୟ ଓ ଲୋକ ସଙ୍ଗୀତ ନୃତ୍ୟ ସଙ୍ଗୀତର ପ୍ରଚାର ପ୍ରସାର ପାଇଁ ଉତ୍ସର୍ଗିତ ଏହି ଅନୁଷ୍ଠାନ ଗତ ବର୍ଷ ଏହାର ସୁବର୍ଣ୍ଣ ଜୟନ୍ତୀ ପାଳନ କରିଥିଲା।

କଟକ ସିଡିଏ-୬ ଠାରେ ବିଦ୍ୟୁତ କର୍ମଚାରୀମାନଙ୍କ ଦ୍ୱାରା ବିଦ୍ୟୁତ ଖୁଣ୍ଟ ପୋତା

ଜୟ ଜଗନ୍ନାଥ ଗ୍ରୁପ ପକ୍ଷରୁ ବସ୍ତିବାସିନ୍ଦାଙ୍କ ପାଇଁ ରନ୍ଧା ଖାଦ୍ୟ ପ୍ରସ୍ତୁତି

Printed, Published and Owned by Sri Sarbeswar Mishra, Published at Plot No-794/1318, Paragon city, Johala, Po- Pahala, Bhubaneswar-752101, Dist-Khordha, Odisha and Printed at Gayatri Industries, TS3/193, Mancheswar Industrial Estate, Bhubaneswar- 751010, Dist- Khordha Tel- 9437279415, 9437770874,0674-2460825 E-mail: srutimedia@gmail.com
Editor-Sarbeswar Mishra
ସମ୍ପାଦକ : ସର୍ବେଶ୍ୱର ମିଶ୍ର